## ସଂକ୍ଷେପରେ

### ମାନବିକତାର ପରିଚୟ ଦେଲେ ବିଏସ୍‌କେୱାଇ ଉପଦେଷ୍ଟା



ରାୟଗଡ଼ା ଅଫିସ/ଦୁର୍ଗୀ, ୯।୧୧ (ଡି.ଏନ୍.ଏ.): ରାୟଗଡ଼ା ଜିଲା ରାଫକଣା ଛକ ନିକଟରେ ବୁଧବାର ଦୁଇ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋରାପୁଟ ଜିଲା ଉପର କୁଟିଙ୍ଗା ଗ୍ରାମର ଦିଲୀପ ଖରା। ଗୁରୁତର ବ୍ୟକ୍ତି କୋରାପୁଟର ସିଦ୍ଧାନ୍ତ ମହାପାତ୍ର। ସେ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ବ୍ଲକ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ)ରେ କନିଷ୍ଠ କୃଷି ଅଧିକାରୀ ଭାବେ କାର୍ଯ୍ୟରତ। ଦିଲୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ସିଦ୍ଧାନ୍ତ ଗୁରୁତର ଅବସ୍ଥାରେ ରାସ୍ତାପାର୍ଶ୍ୱରେ ପଡ଼ିଥିଲେ। ଏହି ସମୟରେ କୋରାପୁଟରୁ ରାୟଗଡ଼ା ଫେରୁଥିବା ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ଉପଦେଷ୍ଟା ସୁଧୀର କୁମାର ଦାସ ଗୁରୁତର ବ୍ୟକ୍ତିଙ୍କୁ ଦେଖି ମାନବିକତାର ପରିଚୟ ଦେଇଛନ୍ତି। ଦୁର୍ଘଟଣା ବିଷୟରେ ପୋଲିସକୁ ଜଣାଇବା ସହ ଗୁରୁତର ସିଦ୍ଧାନ୍ତଙ୍କୁ ନିଜ ଗାଡ଼ିରେ ଆଣି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସିଦ୍ଧାନ୍ତ ନିଜ ବାଇକ୍‌ରେ କୋରାପୁଟରୁ ରାୟଗଡ଼ା ଆସୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।

### ଘାଟିରେ ଓଲଟିଲା ଧାନଟ୍ରକ୍, ଚାଳକ ମୃତ

ରାୟଗଡ଼ା ଅଫିସ,୯।୧୧: ରାୟଗଡ଼ା ଜିଲା ଗୁମ୍ମା ଘାଟିରେ ମଙ୍ଗଳବାର ରାତିରେ ଏକ ଧାନ ବୋଝେଇ ଟ୍ରକ୍ ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଭାଡ଼ିକିଲା ଗ୍ରାମର ରବିନ୍ଦ୍ର କୁମାର ଦୋରା(୫୨)। ରାତି ପ୍ରାୟ ୧୧ଟା ବେଳେ ଟ୍ରକ୍‌ଟି କୋରାପୁଟରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଚାଳକ ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବିଭିନ୍ନ ଦାବି ନେଇ ସିପିଆଇଏମ୍ଏଲ୍‌ର ବୈଠକ

ଗୁଣପୁର,୯।୧୧(ଡି.ଏନ୍.ଏ.): ଗୁଣପୁର ବ୍ଲକ ଜଲତାର ପଞ୍ଚାୟତ ଲୁଙ୍ଗୁରତାଲ ଗ୍ରାମରେ ସିପିଆଇଏମ୍ଏଲ୍‌ର ବ୍ଲକସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭା ଏବଂ ଶୋଭାଯାତ୍ରା ହୋଇଥିଲା। ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୦୦୦ ଟଙ୍କା ସହ ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ପ୍ରଦାନ, ବିଦ୍ୟୁତ ଆଇନ ବାତିଲ, ସମସ୍ତ ସିଲିଂ ବହିର୍ଭୁତ ଜମି, ଜଙ୍ଗଲ ଜମି, ଘରଡିହ ପଟ୍ଟା ପ୍ରଦାନ, କେନ୍ଦ୍ର ସରକାର ଆଣିଥିବା ଜଙ୍ଗଲ ଆଇନ ୨୦୨୨ ଓ ଗ୍ରାମସଭାକୁ ଅକାମି କରିବା ଚକ୍ରାନ୍ତକୁ ବନ୍ଦ କରିବା ଏବଂ ଫାସିବାଦ ହଟାଅ ଓ ଦେଶ ବଞ୍ଚାଅ ଦାବି ହୋଇଥିଲଲା। ସିପିଆଇଏମ୍ଏଲ୍‌ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଠାରେ ୨୫ ଜଣଙ୍କୁ ନେଇ ଗୁଣପୁର ବ୍ଲକ ସ୍ତରୀୟ କମିଟି ଗଠନ କରାଯାଇଥିଲା। ସମ୍ପାଦକ ଅନାସିମ ଶବର ଏବଂ ସହ ସମ୍ପାଦକ ରୂପେ କୈଳାସ ଶବର ଚୟନ ହୋଇଥିଲେ।

# ସବ୍‌ସିଡି ନଳକୂପ ନାଁରେ ଭୁଆଁ ବୁଲାଉଛି ଉଠା ଜଳସେଚନ ବିଭାଗ

- ଜିଲାପାଳଙ୍କୁ ଭେଟିଲେ ଚାଷୀ
- ଟଙ୍କା ଫେରସ୍ତ ହେଉନି, ନଳକୂପ ନାହିଁ

ରାୟଗଡ଼ା ଅଫିସ,୯।୧୧

ଚାଷୀଙ୍କ ପାଇଁ ସବ୍‌ସିଡିରେ ଚାଷ ପାଇଁ ନଳକୂପ ସୁବିଧା କରାଇ ଦିଆଯିବ କହି ଉଠା ଜଳସେଚନ ବିଭାଗ ୨୦୧୯ ଡିସେମ୍ବରରୁ ଚାଷୀଙ୍କୁ ଭୁଆଁ ବୁଲାଉଛି। ଟଙ୍କା ଜମା କରିଥିଲେ ମଧ୍ୟ ନଳକୂପ ଏବଂ ଚାଷ ପାଇଁ ପାଣି ସ୍ୱପ୍ନ ପାଲଟିଛି। ବୁଧବାର ରାୟଗଡ଼ା ସଦର ବ୍ଲକ ଅନ୍ତର୍ଗତ ପେଣ୍ଟା ଗ୍ରାମର ଚାଷୀ ଜିଲାପାଳଙ୍କୁ ସାକ୍ଷାତ କରି ଏଭଳି ଅଭିଯୋଗ କରିଛନ୍ତି।

ଚାଷୀଙ୍କ ଜମିରେ ବୋରୱେଲ ଖନନ ନିମନ୍ତେ ୨୦୧୯ରେ ସରକାରୀ ଯୋଜନା ହୋଇଥିଲା। ଏହା ଅନ୍ତର୍ଗତ ସବ୍‌ସିଡି ନଳକୂପ ଖନନ ନିମନ୍ତେ ଓବିସି ବର୍ଗର ଚାଷୀଙ୍କ ପାଇଁ ୨୦ ହଜାର ଟଙ୍କା ଏବଂ ଏସ୍‌ସି, ଏସ୍‌ଟି ବର୍ଗର ଚାଷୀଙ୍କ ପାଇଁ ୧୦ ହଜାର ଟଙ୍କା ଜମା କରିବା



ଜିଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ଚାଷୀମାନେ।

ନିୟମ ରହିଥିଲା । ପେଣ୍ଟା ଗ୍ରାମର ୧୩ ଚାଷୀ ଏହି ନଳକୂପ ସୁବିଧା ପାଇଁ ଉଠା ଜଳସେଚନ ବିଭାଗ ନାମରେ ଟଙ୍କା ଜମା କରିଥିଲେ। ସେହିଭଳି ଜିଲାର ମୋଟ ୮୭ ଚାଷୀ ଏହି ସବ୍‌ସିଡି ନଳକୂପ ନିମନ୍ତେ ଡିସେମ୍ବର ୨୦୧୯ ରୁ ଟଙ୍କା ଜମା କରିଛନ୍ତି। ଏହାମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଗୋଟିଏ ବି ନଳକୂପ ଖନନ ହୋଇପାରି ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ସବ୍‌ସିଡିରେ ନୂଳକୂପ ପାଇଁ ଚାଷୀ ନିୟମ ଅନୁଯାୟୀ ବଣ୍ଡ ଆକାରରେ ଟଙ୍କା ଜମା କରିଛନ୍ତି। ହେଲେ ୩ ବର୍ଷ ହେଲା ନଳକୂପ ଖନନ ହେଉ ନ ଥିବା ସେମାନେ କହିଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଚାଷୀମାନେ ବୁଧବାର ଚାଷୀମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ପରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ମଧ୍ୟ ଅଭିଯୋଗ ଜଣାଇଥିଲେ। ଏ ନେଇ ସମ୍ପୃକ୍ତ ବିଭାଗ ଠାରୁ ସମସ୍ତ ବିଷୟ ବୁଝି ଶୀଘ୍ର ନଳକୂପ ବ୍ୟବସ୍ଥା କରାଇବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ୬ ଘଣ୍ଟା ଜାତୀୟ ରାଜପଥ ଅବରୋଧ



ଜାତୀୟ ରାଜପଥ ଅବରୋଧ କରିଥିବା ପଞ୍ଚାୟତବାସୀ

- ଏସ୍‌ଏଚ୍‌ଜି ମହିଳାଙ୍କୁ ଚାଉଳ ବଣ୍ଟନ ଦାୟିତ୍ୱରୁ ବାଦ୍ ଦାବି
- ନବରଙ୍ଗପୁର-କଳାହାଣ୍ଡି ଯାତାୟାତ ବନ୍ଦ

ପାପଡ଼ାହାଣ୍ଡି,୯।୧୧,(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲା ପଞ୍ଚାୟତରେ ଏସ୍‌ଏଚ୍‌ଜି ମହିଳାଙ୍କୁ ଚାଉଳ ବଣ୍ଟନ ଦାୟିତ୍ୱରୁ ବାଦ୍ ଦେଇ ପଞ୍ଚାୟତକୁ ଏହି ଦାୟିତ୍ୱ ହସ୍ତାନ୍ତର ଦାବିକରି ବୁଧବାର ପଞ୍ଚାୟତବାସୀ ୨୬ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ୬ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିବାବେଳେ ବହୁ ବୁଝାଶୁଝା କରିବା ପରେ ସନ୍ଧ୍ୟାରେ ପଞ୍ଚାୟତବାସୀ ରାସ୍ତାରୋକୋରୁ ହଟିଛନ୍ତି।

ତୁମ୍ବର୍ଲା ପଞ୍ଚାୟତରେ ଏସ୍‌ଏଚ୍‌ଜି ମହିଳା ଚାଉଳ ବଣ୍ଟନ ଦାୟିତ୍ୱରେ ଅଛନ୍ତି। ପଞ୍ଚାୟତବାସୀ ଏହାର ପ୍ରତିବାଦକରି ନଭେମ୍ବର ୨ରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶୀଘ୍ର ସମସ୍ୟାର ସମାଧାନ ଲାଗି ଜଣାଇଥିଲେ। ଏ ନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ବୁଧବାର ଶତାଧିକ ପଞ୍ଚାୟତବାସୀ ଶୋଭାଯାତ୍ରାରେ ବାହାରି ଏସ୍‌ଏଚ୍‌ଜିକୁ ଚାଉଳ ବଣ୍ଟନ ଦାୟିତ୍ୱରୁ ବାଦ୍ ଦେବାପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ। ତୁମ୍ବର୍ଲା ଛକଠାରେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ। ଫଳରେ ନବରଙ୍ଗପୁରରୁ କଳାହାଣ୍ଡି ଜିଲାକୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ଖବର ପାଇ ଏକ ପ୍ଲାଟୁନ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯୋଗାଣ ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ମାନି ନ ଥିଲେ। ଅପରାହ୍ନ ୫ ଟାରେ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ପରେଶ ଜେନା ପ୍ରମୁଖ ପହଞ୍ଚି ୩ ଦିନ ମଧ୍ୟରେ ସମସ୍ୟାର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପଞ୍ଚାୟତବାସୀ ରାସ୍ତାରୁ ହଟିଥିଲେ। ପ୍ରତିବାଦ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମୁରଲୀଧର ନାୟକଙ୍କ ସମେତ ପଞ୍ଚାୟତର ଅକ୍ଷୟ ସାହୁ, ସଞ୍ଜୀବ ନାଗ, ରାଜେନ୍ଦ୍ର କଟିମ, ସତ୍ୟନାରାୟଣ ସାହୁ, ଦିବ୍ୟାଦାନ କଟିମ, ତୁଳାରାମ ନାୟକ, ପରମେଶ୍ୱର ବିଷୋୟୀ, ଯୋଗେନ୍ଦ୍ର ବାଘ, ବୀରକିଶୋର ହରିଜନ, ମହାଦେବ ଭତରା, ଜୀବନ କଟିମ ପ୍ରମୁଖ ସାମିଲ ଥିଲେ।

### ମୋଟର ପମ୍ପ ଚୋରି ଅଭିଯୋଗରେ ୩ ଗିରଫ

ଉମରକୋଟ,୯।୧୧(ସ୍ୱ.ପ୍ର.)

ଉମରକୋଟ ଥାନା ପୋଲିସ ମୋଟର ପମ୍ପ ଚୋରି ଅଭିଯୋଗରେ ୩ ଚୋରଙ୍କୁ ଗିରଫ କରିବା ସହ ଚୋରି ପମ୍ପ ଜବତ କରିଛି। ଉମରକୋଟ ନିକଟସ୍ଥ ଯାମରୁଣ୍ଡା ଗ୍ରାମର ସମ୍ଭୁ ଗୌଡ଼ଙ୍କ ଗ୍ରାମଠାରୁ ଅଧା କିଲୋମିଟର ଦୂରରେ ଏକ ଧାନ ଜମି ରହିଥିଲା। ସେହି ଜମିରେ ସରକାରଙ୍କ ଯୋଜନାରେ ଏକ ବୋରୱେଲ ଖୋଳା ଯାଇଥିଲା। ଏଠାରେ ଲାଗିଥିବା ପମ୍ପ ଚୋରି ହୋଇଥବବା ୯ ତାରିଖ ସକାଳେ ସମ୍ଭୁ ଦେଖିଥିଲେ। ସମ୍ଭୁ ଏ ନେଇ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତବେଳେ ନିକଟସ୍ଥ



ପଡେଇଗୁଡା ଗ୍ରାମର ଲମ୍ବୁଧର ଗୌଡ଼ଙ୍କ ଘରେ ପମ୍ପ ଥିବା ଜାଣି ଚଢ଼ାଉ କରି ତାଙ୍କ ଘରୁ ପମ୍ପ ଜବତ କରିଥିଲା। ପଚରାଉଚରା ବେଳେ ଉକ୍ତ ପମ୍ପ ଜାମରୁଣ୍ଡାର ପଙ୍କଜ ବିଶ୍ୱାସ ଓ ଢେପଗୁଡା ଗ୍ରାମର ସିଧରାମ ରାଜବଂଶଙ୍କ ଠାରୁ କିଣିଥିବା ପ୍ରକାଶ କରିଥିଲେ। ବୁଧବାର ଉମରକୋଟ ପୋଲିସ ଲମ୍ବୁ, ପଙ୍କଜ ଓ ସିଧରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ରୋଗୀ କଲ୍ୟାଣ ସମିତି ବୈଠକରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

**କାୟାକଳ୍ପ ପୁରସ୍କାର ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସମ୍ମାନିତ**



ଅତିଥିଙ୍କ ଗହଣରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ।

ନନ୍ଦାହାଣ୍ଡି,୯।୧୧,(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ଼, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ସାହୁ, ବିଧାୟକଙ୍କ ପ୍ରତିନିଧି ଦୟାନିଧି ବିଷୋୟୀ, ବିଡିଓ ଶିବଶଙ୍କର ମୁର୍ମୁ ଯୋଗ ଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା କିଛି ସମସ୍ୟା ବିଧାୟକଙ୍କୁ ଜଣାଇ ତାହାର ସମାଧାନ କରିବା ପାଇଁ ଏଥିରେ ଅନୁରୋଧ କରାଯାଇଥିଲା।

ସ୍ୱଚ୍ଛ ଭାରତ ଅଭିଯାନରେ ପ୍ରତ୍ୟେକ ବର୍ଷ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ଏବଂ ଆନ୍ତରିକ ସ୍ୱଚ୍ଛତାକୁ ଆଧାରକରି 'କାୟାକଳ୍ପ' ପୁରସ୍କାର ପ୍ରଦାନ ନିମନ୍ତେ ମନୋନୀତ କରାଯାଏ। ୩୮୦ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ନନ୍ଦାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ୧୩୦ ନମ୍ବରରେ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଏହା ସମ୍ଭବପର ହୋଇଥିବାରୁ ମୁଖ୍ୟ ଅତିଥି ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଫୁଲତୋଡ଼ା ଏବଂ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତିକୁ ଉତ୍ତମ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୧ ଲକ୍ଷ ଟଙ୍କାର ଏକ ଚେକ୍ ପୁରସ୍କାର ଭାବେ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡିପିଏମ୍ ସୁଶାନ୍ତ ପ୍ରହରାଜ, ଡିଏମ୍ ଦୁର୍ଗାପ୍ରସାଦ ମହାନ୍ତି , ଡିଡିଏମ୍ ଚିତ୍ତରଞ୍ଜନ ମିଶ୍ର, ଆଶା କୋଅର୍ଡିନେଟର ସଂଗ୍ରାମ କୁମାର ପଣ୍ଡା, ହନୁମନ୍ତ ମାଝି ଏବଂ ସତ୍ୟରଞ୍ଜନ ଦାଶ, ନନ୍ଦାହାଣ୍ଡି ସିଡିପିଓ ସୁନିତା ଦେବୀ, ଏବିଇଓ ହରିହର ବେହେରା ଏବଂ ଉତ୍ତମା ହରିଜନ, ଅବସରପ୍ରାପ୍ତ ଫାର୍ମାସିଷ୍ଟ ସୁନାଧର ବେହୁରୁ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିକାଶ ବାରିକ, ଡାକ୍ତର ଚିରାଗ ଆଚାର୍ଯ୍ୟ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିବା ବେଳେ ବିପିଏମ୍ ସୁଧାଂଶୁ ତ୍ରିପାଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କରୋନା ମହାମାରୀ ସମୟରେ ଡାକ୍ତର ବିକାଶ ବାରିକଙ୍କ ତତ୍ତ୍ୱାବଧାନରେ ନନ୍ଦାହାଣ୍ଡି ବ୍ଲକରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିବାରୁ ବିଧାୟକ ପ୍ରଶଂସା କରିଥିଲେ।

# ରାୟଗଡ଼ାରୁ ଭୁବନେଶ୍ୱର ଦିନରେ ଟ୍ରେନ୍ ଚଳାଚଳ ଦାବି

**ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ରାୟଗଡ଼ା ଅଫିସ,୯।୧୧

ରାୟଗଡ଼ାରୁ ଭାୟା ବିଜୟନଗରମ୍ ଦେଇ ଭୁବନେଶ୍ୱରକୁ ଦିନବେଳା ଟ୍ରେନ୍ ଚଳାଚଳ ନିମନ୍ତେ ରୟଗଡ଼ା ଜିଲା ବିକାଶ ମଞ୍ଚ ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୁଧବାର ପ୍ରଦାନ କରାଯାଇଛି। ଏହି ରୁଟ୍‌ରେ ଦିନବେଳା କୌଣସି ଟ୍ରେନ୍ ଚଳାଚଳ କରୁ ନ ଥିବାରୁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ରାତିରେ ଦୁଇଟି ଟ୍ରେନ୍ ଛତିଶଗଡ଼ର ଜଗଦଲପୁରରୁ ରାୟଗଡ଼ା ଦେଇ ଭୁବନେଶ୍ୱରକୁ ହୀରାଖଣ୍ଡ ଏକ୍ସପ୍ରେସ ଏବଂ କଳାହାଣ୍ଡି ଜିଲା ଜୁନାଗଡ଼ରୁ ରାୟଗଡ଼ା ଦେଇ ଭୁବନେଶ୍ୱରକୁ ଜୁନାଗଡ଼ ସୁପରଫାଷ୍ଟ ଏକ୍ସପ୍ରେସ ଚଳାଚଳ କରୁଛି। ଭୁବନେଶ୍ୱର, ଖୋର୍ଦ୍ଧା, ଛତ୍ରପୁର, ବ୍ରହ୍ମପୁର, ପାଲାସା,



ଶ୍ରୀକାକୁଲମ ଆଦି ସହରକୁ ବିଭିନ୍ନ କାମରେ ଯିବା ପାଇଁ ଉକ୍ତ ଦୁଇ ଗୋଟି ଟ୍ରେନ୍‌ରେ ଯାତ୍ରୀଙ୍କ ପ୍ରବଳ ଭିଡ଼ ରହୁଛି। ସବୁବେଳେ ସ୍ଥାନ ସଂରକ୍ଷଣ ନେଇ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଦୁଇ ଟ୍ରେନ୍ ରାତିରେ ଚାଲୁଥିବାରୁ ବୟସ୍କ ବ୍ୟକ୍ତି, ମହିଳା, ରୋଗୀ ଅସୁବିଧାରେ ପଡ଼ୁଛନ୍ତି। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲା ବିକାଶ ମଞ୍ଚ ପକ୍ଷରୁ ୨୦୨୧ ସେପ୍ଟେମ୍ବର ୨୩ ରେ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାୟଗଡ଼ା ମୁଖ୍ୟ ଷ୍ଟେଶନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ପର୍ଯ୍ୟନ୍ତ ଏ ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପୁନର୍ବାର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରେଳ ଷ୍ଟେଶନ ଅଧିକାରୀ ପରମାନନ୍ଦ ପିଡିକାକାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ବିକାଶ ମଞ୍ଚର ସଭାପତି ଦୟାନନ୍ଦ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ସୁରେଶ ସାହୁ, ଉପଦେଷ୍ଟା ନନ୍ଦକିଶୋର ଚୌଧୁରୀ, ସାରଥୀ ପଟ୍ଟନାୟକ, ସଭ୍ୟ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହକ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ଅନ୍ୱେଷଣ ହୋଇପାରିଛି



ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନବରଙ୍ଗପୁର,୯।୧୧(ବି.ପ୍ର.)

ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ବୈଭବ କଲ୍ୟାଣ ମଣ୍ଡପ ଠାରେ ମହକ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ରଙ୍କ ଦ୍ୱାରା କୁଇଜ, ଏକକ ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା ଓ ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା । ଅତିରିକ୍ତ ଜିଲାପାଳ ଭାସ୍କର ରଇତୋ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ପରିବିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ମାର୍ଥା ସଂଯୋଜନା କରିଥିଲେ । କୁନିମଣି ସ୍ୱାଇଁ, ମହେନ୍ଦ୍ର ଚାଲାଣ, ସମରେନ୍ଦ୍ର ପରିଡା ସହଯୋଗ କରିଥିଲେ। ଅବନୀ ତ୍ରିପାଠୀ ଓ ମନୋରମା ମାଝୀ କୁଇଜ ପରିଚାଳନା କରିଥିଲେ । ଫାଲଗୁନି ପାତ୍ର, ଯୁଗଳ ତ୍ରିପାଠୀ ଏକକ ସଙ୍ଗୀତ, ବସନ୍ତ ବେନିଆ ଓ ପର୍ଶୁରାମ ସାହୁ ଚିତ୍ରାଙ୍କନ, ଦିବାକର ବାହୁକ ବକ୍ତୃତା ଓ ସୃଜନ ସୁନା, ଅଶୋକ ପାତ୍ର ଦଳଗତ ନୃତ୍ୟ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ ।

# ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଆଇନ ସେବା ଦିବସ

ନବରଙ୍ଗପୁର,୯।୧୧ (ବି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟ ପରିସରରେ ଆଇନଜୀବୀ, ପାରା ଲିଗାଲ ସଦସ୍ୟ ଓ ଛାତ୍ରୀଛାତ୍ରଙ୍କୁ ନେଇ ରାଷ୍ଟ୍ରୀୟ ଆଇନ ସେବା ଦିବସ- ୨୦୨୨ ପାଳନ ହେଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ପରାମର୍ଶକ୍ରମେ ଆୟୋଜିତ ହୋଇଥିଲା । ଶିବିର ରେ ଜିଲା ଦୌରାଜଜ୍ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ । ଅନ୍ୟତମ ଅତିଥି ଭାବେ ପରିବାର ବିଚାର ବିଭାଗୀୟ ଜଜ୍ ଡକ୍ଟର ମୁନରାନୀ ମିଶ୍ର, ଅତିରିକ୍ତ ଜିଲା ଜଜ୍ (ପୋକସୋ) ପ୍ରଣତି ସାହା, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ସୁଦାମ ଚରଣ ଦାଶ, ଜିଲା ଆଇନ ସେବା



ପ୍ରାଧିକରଣ ସଚିବ ଜନକ ରାଉତ, ରେଜିଷ୍ଟ୍ରାର ଜିଲାକୋର୍ଟ ସୁକାନ୍ତ କିଶୋର ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜଶ୍ରୀ ଅରୟବାଲା ତ୍ରିପାଠୀ, ଆଇନଜୀବୀ ସଂଘ ସଭାପତି ନରସିଂହନାଥ ତ୍ରିପାଠୀ, ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ଆଇନ ସେବା ଦିବସ-୨୦୨୨ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲା କୋର୍ଟ ପରିସରରେ ଏକ ଜୁଡସିଆଲ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜନକ ରାଉତ ପରିଚାଳନା କରିଥିଲେ।

# ଜମି ଫେରସ୍ତ ଦାବିରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଚାଷୀ

**ପ୍ରସ୍ତାବିତ ଚିନି କାରଖାନା ବାତିଲ**

ନବରଙ୍ଗପୁର,୯।୧୧(ବି.ପ୍ର.)

ନବରଙ୍ଗପୁର ତହସିଲ ଅନ୍ତର୍ଗତ ହିର୍ଲି ମୌଜାରେ ଚିନିକଳ ସ୍ଥାପନ ପାଇଁ ୧୯୯୦ ରେ ପ୍ରାୟ ୮୦.୪୧ ଏକର ଜମି ବିଭିନ୍ନ ଚାଷୀ ଓ ଅଞ୍ଚଳବାସୀଙ୍କଠାରୁ ଅଧିଗ୍ରହଣ କରାଯାଇଥିଲା। କ୍ଷତିପୂରଣ ମଧ୍ୟ ଦିଆଯାଇଥିଲା। ହେଲେ କେତେକ କାରଣ ଯୋଗୁ ପରବର୍ତ୍ତୀ ସମୟରେ ପ୍ରସ୍ତାବିତ ଚିନିକଳ ପ୍ରତିଷ୍ଠା କାର୍ଯ୍ୟ ବାତିଲ କରାଯାଇଥିଲା। କୌଣସି ଚାଷୀ ନିଜ ଜମି ଫେରସ୍ତ ଚାହିଁଲେ ଟଙ୍କା ଫେରସ୍ତ କରି ନିଜ ଜମି ନେଇପାରିବେ ବୋଲି ସ୍ଥାନୀୟ ତହସିଲଦାରଙ୍କ ଚିଠି ସଂଖ୍ୟା ୭୫୦/୯୫ ଅନୁଯାୟୀ, ୧୯୯୫ ଫେବୃୟାରୀ ୧୩ରେ ଦେଉଳା ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଚାଷୀ ତଥା ଜମି ମାଲିକମାନେ ଏ



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଚାଷୀ ତଥା ଜମିମାଲିକ।

ପର୍ଯ୍ୟନ୍ତ ଜମି ପାଇନାହାନ୍ତି। ଟଙ୍କା ଦେଇ ଜମି ଫେରିପାଇବା ପାଇଁ ସେମାନେ ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାଯୋଗ୍ୟ, ଜମି ଅଧିଗ୍ରହଣ ପୂର୍ବରୁ ଉକ୍ତ ଜମି ଓ ଡଙ୍ଗରରେ ଜମି ମାଲିକମାନେ ପ୍ରତିବର୍ଷ ଧାନ, ମାଣ୍ଡିଆ, ଅଳସୀ, ବିରି ଭଳି ଫସଲ ଅମଳକରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଜମି ଅଧିଗ୍ରହଣ ପରେ ଏ ପର୍ଯ୍ୟନ୍ତ ସେହି ସମସ୍ତ ଜମି ପଡ଼ିଆ ପଡ଼ିଛି। ଦୀର୍ଘ ୨୫ ବର୍ଷ ହେଲା ବିଭିନ୍ନ ସମୟରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପର୍ଯ୍ୟନ୍ତ ଯାଇ ଦାବି ଜଣାଇଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଫଳରେ ନୂତନ ଜମି ଅଧିଗ୍ରହଣ ଆଇନ ୨୦୧୩ ପ୍ରକାରେ ଅଧିଗୃହୀତ ଜମି ଫେରସ୍ତ ପାଇଁ ବୁଧବାର ଜମି ମାଲିକ ତଥା ଚାଷୀ ଅଲେଖ ଚନ୍ଦ୍ର ତ୍ରିପାଠୀ, ପ୍ରଣତି ତ୍ରିପାଠୀ, ନଦିଆ ଚାନ୍ଦ ସାହୁ, ଜି. ରାମାରାଓ, ରାମ ଭରନ ଗୁପ୍ତା, ସି .ଏଚ୍. ଶ୍ରୀଧର ରାଓ, ନରସିଂହ ପାତ୍ର, ଡମ୍ବରୁ ହରିଜନ, ଅର୍ଜୁନ ଜାନି, କୁନ୍ତଳା ଖୁରା, ମହମ୍ମଦ ରାଜ ବେଗ, ମହମ୍ମଦ ମମତାଜ ବେଗ୍, ଅବଦୁଲ ଆଜିଜ, ରୂପଧର ହରିଜନ, ଜି. ଈଶ୍ୱର ରାଓ, ଗିରିଧର ହରିଜନ, ପ୍ରଦୀପ କୁମାର ସାହୁ ପ୍ରମୁଖ ଦାବି କରିଛନ୍ତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଶୀଘ୍ର ପଦକ୍ଷେପ ନେବାକୁ ସେମାନେ ଜଣାଇଛନ୍ତି।

## ସଂକ୍ଷେପରେ

### ୱାର୍ଲଡ ଭିଜନ ପକ୍ଷରୁ ପିଲାଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ

**ବୋରିଗୁମ୍ମା,୯।୧୧(ଡି.ଏନ.ଏ.):** ବୋରିଗୁମ୍ମା ନିକଟସ୍ଥ ବଣ୍ଡାଗୁଡା ଗ୍ରାମଠାରେ ୱାର୍ଲଡ ଭିଜନ ଇଣ୍ଡିଆ ପକ୍ଷରୁ ଏକ ସ୍କୁଲ ବ୍ୟାଗ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭିଜନ ପକ୍ଷରୁ ପଞ୍ଜୀକୃତ ୬୧୨ ଜଣ ଶିଶୁଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଏସଡିପିଓ ମଧୁସିକ୍ତା ମିଶ୍ର, ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସଭ୍ୟ ପ୍ରସାଦ ଚନ୍ଦ୍ର ବିଡିକା , ୱାର୍ଲଡ ଭିଜନର ଜୋନାଲ ଡ଼ାଇରେକ୍ଟର ଉପସ୍ଥିତ ଥିଲେ। ଏଡିପି ମ୍ୟାନେଜର ଦିକ୍ଷିତ ନାୟକ, ପ୍ରୋଗ୍ରାମ ଅଫିସର ସୁକେନ୍ଦ୍ର ଖେମୁଣ୍ଡୁ, ମିନତି ନାଗ ଓ ବ୍ଲେସ ନାୟକ ଉପସ୍ଥିତ ରହି ପିଲାଙ୍କୁ ବ୍ୟାଗ ବଣ୍ଟନ କରିଥିଲେ । ଅତିଥିମାନେ ବ୍ୟାଗ ବଣ୍ଟନ ସମୟରେ ମା' ବାପାମାନେ ପିଲାଙ୍କ ଶିକ୍ଷା ଦିଗ ଉପରେ ଧ୍ୟାନ ଦେଇ ସେମାନେ କିପରି ଉଚ୍ଚଶିକ୍ଷା ଲାଭ କରିବେ ଏବଂ ଆଗକୁ ବଢ଼ିବେ ସେନେଇ ବୁଝାଇଥିଲେ । କାର୍ଯ୍ୟକ୍ରମରେ କମ୍ୟୁନିଟି ମୋବିଲାଇଜର ରୁବି ପଣ୍ଡା, ମମତା ଦିଶାରି, ସିଣ୍ଡ୍ରେଲା ସେବକ, ଅଲେଖ ନାୟକ, ସାହେବ ନାୟକ ସହଯୋଗ କରିଥିଲେ।

### ୨ ଛାତ୍ରୀ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବକୁ ମନୋନୀତ

**କୁଡୁମୁଲୁଗୁମ୍ମା,୯।୧୧(ଡି.ଏନ.ଏ.):** ମାଲାକନଗିରି ଜିଲା କୁଡୁମୁଲୁଗୁମ୍ମା ବ୍ଲକର ୨ଜଣ ଛାତ୍ରୀ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ମଜୁରୀଲେଣ୍ଡି ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ କବିତା ଖିଲ ଏବଂ କସ୍ତୁରିବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ସୁନୀତା ଖିଲ। କବିତା ପୋଷଣ ଓ ଖାଦ୍ୟ ନିରାପତ୍ତାରେ ଜିଲାରେ ପ୍ରଥମ ହୋଇଥିବା ବେଳେ ଗୀତ ପ୍ରତିଗୋଗିତରେ ସୁନିତା ପ୍ରଥମ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ବୁଧବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେମାନଙ୍କୁ ସମ୍ମାନିତ କରାଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜନ ଚୌଧୁରୀ, ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ମଲିକ, କୃପାସିନ୍ଧୁ ଆମ୍ବାଗୁଡ଼ିଆ, ହେମନ୍ତ ନାୟକ, ସିଆରସିସି ଅଜୟ ପୁଷ୍ଟି, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରମେଶ ଚନ୍ଦ୍ର ନେଲୁରୁ, ସମ୍ପାଦକ ବଳରାମ ପୂଜାରୀ ଉପସ୍ଥିତ ଥିଲେ।

### ରେଳ ଧାରଣାରୁ ମୃତଦେହ ଜବତ

**କୋଟପାଡ଼,୯।୧୧(ଡି.ଏନ.ଏ.):** କୋଟପାଡ଼-ଭୋନସୁଲି ରେଳ ଷ୍ଟେସନ ନିକଟସ୍ଥ କିଛି ଦୂରରେ ଥିବା ରେଳ ଫାଟକ ନିକଟରେ ବୁଧବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ରେଳ ଲାଇନ ଉପରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଉକ୍ତ ଫାଟକ ଦେଇ ଯାତାୟାତ କରୁଥିବା ଲୋକେ ଏ ସମ୍ପର୍କରେ ଜଗୁଆଳିଙ୍କୁ ଜଣାଇଥିଲେ। ଖବରପାଇ ଘଟଣା ସ୍ଥଳରେ ରେଳ ବିଭାଗ ଓ କୋଟପାଡ଼ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ବ୍ୟକ୍ତି ଜଣକ ଘୁମର ପଞ୍ଚାୟତ ଆମଲା ଭୋଟା ଗ୍ରାମର ହେମଧର ମାଝୀ ବୋଲି ଥାନା ଅଧିକାରୀ ଶେଷଦେବ ବେହେରା କହିଛନ୍ତି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତ କରାଯାଇଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୋରାପୁଟ/ନାରାୟଣପାଟଣା,୯।୧୧ (ସ୍ୱ.ପ୍ର./ଡି.ଏନ.ଏ.):** କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ପରିସରରେ ବୁଧବାର ଭିନ୍ନକ୍ଷମଙ୍କ ନିମନ୍ତେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଗୋଲଦି ତ୍ରିନାଥ, ଅନ୍ୟତମ ଅତିଥି ରୂପେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲିପ ହିଆଲ, ବିଡିଓ ଅଶ୍ୱିନି ମହାପାତ୍ର, ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏଲିଜାବେଥ ଗରଡା, ବି. ସନ୍ତୋଷୀ ଦେବୀ, କନିଷ୍ଠ ସହାୟକ ପ୍ରଶାନ୍ତ ହିଆଲ ଶିବିର ପରିଚାଳନା କରିଥିଲେ। ଶିବରରେ ୪୪୬ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହା ବିଦ୍ୟାଳୟର ଡାକ୍ତରମାନେ ପରୀକ୍ଷା ନିରୀକ୍ଷା ପରେଭିନ୍ନକ୍ଷମଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବାକୁ ଅନୁମୋଦନ କରିଥିଲେ।

# ଉପାନ୍ତ ଅଞ୍ଚଳରୁ ରାଜଧାନୀର କ୍ରୀଡ଼ା ହଷ୍ଟେଲ

**ଡାବୁଗାଁ, ୯।୧୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତର କୁସୁମବନ୍ଧ ଏକ ଉପାନ୍ତ ଗ୍ରାମ। ଆଦିବାସୀପ୍ରବଣ ଏହି ଅଞ୍ଚଳ ଯେଉଁଠି ପୁଅ ଟିକେ ବଡ଼ ହେଲେ ବହି ବସ୍ତାନିରେ ଡୋରି ବନ୍ଧା ହୋଇଯାଏ ସେଠାରେ ଖେଳାଳି ହେବାର ସ୍ୱପ୍ନ ଦେଖିଥିଲେ କରମା ଏବଂ ଭୁବନ୍ତି ଭତ୍ରାଙ୍କ ପୁଅ କ୍ଷୀତେଶ୍ୱର। କ୍ଷୀତେଶ୍ୱର ବ୍ଲକ ଓ ଜିଲାସ୍ତରରେ ଭଲ ଖେଳ ପ୍ରଦର୍ଶନ କରିବା ଯୋଗୁ ଏବେ ରାଜଧାନୀ ଭୁବନେଶ୍ୱରର କ୍ରୀଡ଼ା ହଷ୍ଟେଲରେ ରହି ଫୁଟ୍‌ବଲ ପ୍ରଶିକ୍ଷଣ ନେଉଛନ୍ତି। ଏହାକୁ ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ପିଲା ମଧ୍ୟ ପାଠପଢ଼ିବା, ଖେଳ ଖେଳି ଆଗକୁ ବଢ଼ିବା ଭଳି ସ୍ୱପ୍ନ ଦେଖିଲେଣି। କ୍ଷୀତେଶ୍ୱର ସ୍ଥାନୀୟ ଅଞ୍ଚଳ ପିଲାଙ୍କ ପାଇଁ ଏବେ ପ୍ରେରଣା ପାଲଟିଛନ୍ତି।

କରମା ଏବଂ ଭୁବନ୍ତିଙ୍କ ୩ ସନ୍ତାନ। ବଡ଼ ଭାଇ ଓ ସାନ ଭଉଣୀଙ୍କ ମଝିରେ କ୍ଷୀତେଶ୍ୱର। କ୍ଷୀତେଶ୍ୱର ଗାଁ ବିଦ୍ୟାଳୟରେ ପଢୁଥିବାବେଳେ ଭଲ ପଢ଼ିବା, କିଛି ଭଲ କରି ଦେଖାଇବା ସ୍ୱପ୍ନ ଦେଖୁଥିଲେ । କ୍ଷୀତେଶ୍ୱର ଭଲ ଖେଳାଖେଳି କରୁଥିଲେ। ତାଙ୍କର ଖେଳ ପ୍ରତି ଆଗ୍ରହ ଦେଖି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୟାନିଧି ବଞ୍ଚରା ତାଙ୍କୁ ଉତ୍ସାହିତ କରିବା ସହ ଆଗକୁ ବଢ଼ିବା ଲାଗି ସମସ୍ତ ବ୍ୟବସ୍ଥା କରିଥିଲେ ବୋଲି କ୍ଷୀତେଶ୍ୱର କହିଛନ୍ତି। ଫୁଟ୍‌ବଲ ପ୍ରତିଯୋଗିତାରେ ବିଦ୍ୟାଳୟସ୍ତରରୁ ରାଜ୍ୟସ୍ତରକୁ ପହଞ୍ଚିବା ପାଇଁ ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପ୍ରଚେଷ୍ଟା ସମ୍ଭବ ହୋଇପାରିଛି।



ଭଲ ଖେଳ ପ୍ରଦର୍ଶନ କରିବାରୁ ରାଜଧାନୀର କ୍ରୀଡ଼ା ହଷ୍ଟେଲରେ ରହି ପ୍ରଶିକ୍ଷଣ ନେବାର ସୁଯୋଗ ତାଙ୍କୁ ମିଳିଥିଲା। ଏବେ କ୍ଷୀତେଶ୍ୱର କଳିଙ୍ଗ କ୍ରୀଡ଼ା ସ୍କୁଲର ଛାତ୍ର। ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। କୁସୁମବନ୍ଧରୁ ଭୁବନେଶ୍ୱର ଯାତ୍ରା କ୍ଷୀତେଶ୍ୱରଙ୍କ ପାଇଁ ସହଜ ନ ଥିଲା। ପ୍ରଥମେ ଭୁବନେଶ୍ୱର ଆସି ଏତେବଡ଼ ଷ୍ଟାଡିୟମ ଦେଖି ତାଙ୍କୁ ଡର ଲାଗିଥିଲା। ଏଠି ରହି ପାରିବେ ନା ଘରକୁ ଫେରିଯିବେ ଏ କଥା ମନରେ ଆସିଲା। କିନ୍ତୁ ପରେ ମନକୁ ସେ ଦୃଢ଼ କରିଥିଲେ। ଭୁବନେଶ୍ୱରରେ ସାଙ୍ଗରେ ରହି ପ୍ରଶିକ୍ଷଣ ନେଉଥିବା ସାଥୀଙ୍କ କଥା ବୁଝିବା କଷ୍ଟକର ହେଉଥିଲା। ନା ସେମାନେ ତାଙ୍କ ଭାଷା ବୁଝୁଥିଲେ ନା ସେ ସେମାନଙ୍କ କଥା ବୁଝିପାରୁଥିଲେ ବୋଲି କ୍ଷୀତେଶ୍ୱର କହିଛନ୍ତି। କିନ୍ତୁ ଏବେ ଧୀରେ ଧୀରେ ସବୁ ଠିକ୍ ହେଉଛି। ମାଟି, ଜଙ୍ଗଲ ଓ ଗାଁର ଜଟିଳ ଚିନ୍ତାଧାରାରୁ ବାହାରି ଭଲ ଲାଗୁଛି ବୋଲି କ୍ଷୀତେଶ୍ୱର କୁହନ୍ତି। ପରିବାର, ଅଞ୍ଚଳବାସୀଙ୍କ ଆଶା ଏବଂ ନିଜର ସ୍ୱପ୍ନ ପୂରା କରିବେ ବୋଲି ସେ କହିଛନ୍ତି।

# ମହକରେ ମହକିଲେ ଛାତ୍ରୀଛାତ୍ର

## ଜିଲାସ୍ତରୀୟ ଶିଶୁ ମହୋତ୍ସବ

**ମାଲକାନଗିରି,୯।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ମହକୁମା ମାଲ୍ୟବନ୍ତ ଛାତ୍ରାବାସ ପରିସରରେ ବୁଧବାର ଜିଲା ଶିଶୁ ସୁରକ୍ଷା ସଂସ୍ଥା ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବକୁ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ମାଲକାନଗିରର ପରିବର୍ତ୍ତନ, ଶିଶୁଗୃହ, ନିଳାଞ୍ଚଳ ଆଦିବାସୀ ସେବାଶ୍ରମ, କୋରୁକୋଣ୍ଡା, ଜୟ ଶିଶୁ ଗୃହ ଓ ଖଇରପୁଟ ଆଦି ସ୍ଥାନରୁ ୧୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଶିଶୁମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ବିକଶିତ କରିବା ଏବଂ ଲୋକଲୋଚନକୁ ଆଣିବା ପାଇଁ ଏପରି ଏକ ଉତ୍ସବ ଆୟୋଜନ କରାଯାଇଥିଲା। ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ଶ୍ରୁତଲିଖନ, ପ୍ରବନ୍ଧ ଆଦି ପ୍ରତିଯୋଗିତା କରାଯାଇ ବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ଜୁଭେନାଲ ଜଷ୍ଟିସ ବୋର୍ଡର ଅରୁପ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ, ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରାଙ୍କ ସହ ଶିଶୁମାନଙ୍କ ଅଭିଭାବକ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।



ମହକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

# ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ

**ମାଥିଲି,୯।୧୧(ଡି.ଏନ୍.ଏ.)**

ଗ୍ରାମ ତଥା ପଞ୍ଚାୟତର ଉନ୍ନତି ପାଇଁ ରାଜ୍ୟ ସରକାର ବହୁ ଅର୍ଥ ବ୍ୟୟ କରୁଛନ୍ତି। ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭକରି ବିଭିନ୍ନ ବାବଦରେ ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର ଏହାର ସୁଫଳ ଲୋକେ ପାଉନାହାନ୍ତି। ମାଲକାନଗିରି ଜିଲା ମାଥିଲି ବ୍ଲକରେ ନିକଟରେ ହୋଇଥିବା ଏକ ରାସ୍ତା ନିର୍ମାଣରୁ ଲୋକେ ଉପକୃତ ହୋଇ ନ ଥିବା ଜଣାପଡ଼ିଛି। ନିମ୍ନମାନର ରାସ୍ତା କାର୍ଯ୍ୟ ହେତୁ ଅଳ୍ପ ଦିନରେ ରାସ୍ତାଟି ନଷ୍ଟ ହୋଇଯାଇଛି। ମାଥିଲି ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ନୂଆଁଗୁଡ଼ା କଲୋନିଠାରୁ ହାଟପଦା ପର୍ଯ୍ୟନ୍ତ ନିର୍ମିତ କଂକ୍ରିଟ ରାସ୍ତାର ଅବସ୍ଥା ଏପରି ହୋଇଛି। କିଛିଦିନ ପୂର୍ବରୁ ନିର୍ମାଣ ହୋଇଥିବା ଏହି ରାସ୍ତାରୁ ଗୋଡ଼ି ଉଠିଗଲାଣି। ରାସ୍ତା ନିର୍ମାଣ ବେଳେ ସୂଚନା ଫଳକ ଲଗାଯାଇନାହିଁ। ସମ୍ପୃକ୍ତ ରାସ୍ତାଟି କେଉଁ ଯୋଜନାରେ ନିର୍ମାଣ କରାଯାଇଛି, ଏହାକୁ କେଉଁ ପଞ୍ଚାୟତ କରିଛି ନା ପଞ୍ଚାୟତ ସମିତି କରିଛି ଲୋକେ ଜାଣି ପାରୁନାହାନ୍ତି। ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ସରକାରଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ଅନୁସାରେ ଠିକାଦାରଙ୍କୁ କହି ରାସ୍ତା ମରାମତି ବ୍ୟବସ୍ଥା କରିବି।

# ୮୭୨୮୦ ହେକ୍ଟର ଜମିରେ ରବି ଚାଷ

## ଜିଲା କୃଷି ଷ୍ଟାଟର୍ଜି କମିଟି ବୈଠକ

**କୋରାପୁଟ,୯।୧୧(ସ୍ୱ.ପ୍ର.)**

କୋରାପୁଟ ଡିଆରଡିଏ ସଦଭାବନା ସଭାଗୃହଠାରେ ବୁଧବାର ଜିଲାରେ ରବି ଚାଷ ନେଇ ଜିଲା କୃଷି ଷ୍ଟାର୍ଟର୍ଜି କମିଟି ବୈଠକ ଅନୁଷ୍ଠିତ ହୋଇଛି । କମିଟି ସଭାପତି ଜିଲାପାଳ ଅବଦାଲ ଏମ. ଅଖତର ବୈଠକରେ ଅଧକ୍ଷତା କରି ଜିଲାରେ ଆସନ୍ତା ୨୦୨୨-୨୩ ଆର୍ଥିକ ବର୍ଷରେ ରବି ଚାଷ ନେଇ ଜଳସେଚନ, ବିହନ, ସାର ଓ ବିଭିନ୍ନ କୃଷି ଯନ୍ତ୍ରପାତିର ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଜିଲାରେ ସମୁଦାୟ ୮୭୨୮୦ ହେକ୍ଟର ଜମିରେ ରବି ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି । ସେଥିରୁ ଜିଲାର ୨୦,୮୨୦ ହେକ୍ଟର ଜମିରେ ଧାନ ଚାଷ ଲକ୍ଷ୍ୟ ରଖାଯାଇଥିବାବେଳେ ୬୬,୪୬୦ ହେକ୍ଟର ଜମିରେ ଅନ୍ୟାନ୍ୟ ଚାଷ କରାଯିବ। ସେହିପରି ଏହି ସମୟ ମଧ୍ୟରେ ୪୦ ହେକ୍ଟର ଜମିରେ ଗହମ ଜାତୀୟ ଚାଷ , ୪୩୦୦ ହେକ୍ଟର ଜମିରେ ବାଜରା ଜାତୀୟ ଚାଷ, ୭୮୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯିବାକୁ ନିଷ୍ପତ୍ତି ହୋଇଛି। ୨୦୦୬୦ ହେକ୍ଟର ଜମିରେ ଡାଲି ଜାତୀୟ ଚାଷ, ୫୬୧୦ ହେକ୍ଟର ଜମିରେ ତୈଳବିଜ ଜାତୀୟ ଚାଷ, ୨୪୦୦୦ ହେକ୍ଟର ଜମିରେ ବିଭିନ୍ନ ପନିପରିବା ଚାଷ , ୩୮୭୦ ହେକ୍ଟର ଜମିରେ ବିଭିନ୍ନ ମସଲା ଜାତୀୟ ଚାଷ, ୬୪୪୭ ହେକ୍ଟର ଜମିରେ ଆଖୁ, ୧୨୫୩ ହେକ୍ଟର ଜମିରେ ଲେମନ ଗ୍ରାସ ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଚାଷ ପାଇଁ ୭୪୫୬୯ ହେକ୍ଟର ଜମିରେ ଜଳସେଚନର ସୁବିଧା ରହିଥିବାବେଳେ ଆଦ୍ରତା ଭିତିରେ ୧୨୬୮୩ ହେକ୍ଟର ଜମିରେ ଚାଷ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ସେହିପରି ଜିଲାରେ ଧାନ ଚାଷ ପାଇଁ ୪୧୦୫ କୁଇଣ୍ଟାଲ ବିହନ ଆବଶ୍ୟକତା ଥିବାବେଳେ ଅନ୍ୟ ଚାଷ ନିମନ୍ତେ ୫୩୯ କୁଇଣ୍ଟାଲ ବିହନ ଆବଶ୍ୟକତା ରହିଥିବା ବୈଠକରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଭାତ ସାମଲ ସୂଚନା ଦେଇଛନ୍ତି। ସେହିପରି ଜିଲାରେ ରବି ଚାଷ ନେଇ ଆବଶ୍ୟକ ଋଣ ପ୍ରଦାନ ନେଇ ବିଭିନ୍ନ ବ୍ୟାଙ୍କର ସମ୍ପୂର୍ଣ୍ଣ ସହାୟତା କରିବାକୁ ଜିଲାପାଳ ବିଭିନ୍ନ ବ୍ୟାଙ୍କ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କୋରାପୁଟ ଲିଡ ବ୍ୟାଙ୍କ ମ୍ୟାନେଜର ଲିଙ୍ଗରାଜ ପାଣିଗ୍ରାହୀଙ୍କ ସମେତ ସମସ୍ତ ବ୍ୟାଙ୍କ ମ୍ୟାନେଜର, ବିଭାଗୀୟ ବରିଷ୍ଠ ଅଧିକାରୀ, ବିଭିନ୍ନ ବ୍ଲକରୁ ଆସିଥିବା ସହକାରୀ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ ।



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଜିଆଇଇଟିରେ ଟେକ୍ନୋକଲଚୁରାଲ ଫେଷ୍ଟ ଉଦ୍‌ଘାଟିତ

**ଗୁଣପୁର,୯।୧୧(ଡି.ଏନ.ଏ)**

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ମେକାନିକାଲ ଇଞ୍ଜିନିୟରିଂ ଏବଂ ଏଗ୍ରିକଲଚର ଇଞ୍ଜିନିୟରିଂ ବିଭାଗର ଦୁଇ ଦିନିଆ ଉତ୍ସବ ଟେକ୍ନୋକଲଚୁରାଲ ଫେଷ୍ଟ କୋଲସସ-୭.୦ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜେକେ କାଗଜକଳର ଯାନ୍ତ୍ରିକ ବିଭାଗ ମୁଖ୍ୟ ଇଞ୍ଜିନିୟର ଭେଙ୍କଟେଶ୍ୱର ଆରମୁପାଲା ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଆଧୁନିକ ଇଞ୍ଜିୟନିରରିଂ, କଳା ଏବଂ କୌଶଳ ଉପରେ ଉଦ୍‌ବୋଧନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନଲୋଜିର ଡିନ୍ ତଥା ମେକାନିକାଲ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଏ. ବି. ଶ୍ରୀନିବାସ ରାଓ ଯୋଗଦେଇ କାର୍ଯ୍ୟକ୍ରମର ଉପୋଯୋଗିତା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ଶକ୍ତି ପ୍ରସନ୍ନ ଖାଡଙ୍ଗା ଧନ୍ୟବାଦ ଦେଇଥିଲେ। ଏଥିଲାଗି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କଣ୍ଟେନରରେ ତାଲିମ କେନ୍ଦ୍ର ବ୍ୟବସ୍ଥା

## ବିଦ୍ୟୁତ୍ କର୍ମଚାରୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ



ଉଦ୍‌ଘାଟିତ ହୋଇଥିବା କଣ୍ଟେନର।

**ମାଲକାନଗିରି,୯।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ବିଦ୍ୟୁତ ବିଭାଗର କ୍ଷେତ୍ର କର୍ମଚାରୀମାନେ ଦିବାରାତ୍ରି ବିପଦ ସଙ୍କୁଳ ଅବସ୍ଥାରେ କାର୍ଯ୍ୟ କରି ଉପଭୋକ୍ତାମାନଙ୍କୁ ସେବା ଯୋଗାଇ ଥାନ୍ତି। ଅନେକ ସମୟରେ ଏହି କର୍ମଚାରୀ ମାନେ ବିଦ୍ୟୁତ୍ ଆଘାତର ଶିକାର ହୋଇଥାନ୍ତି। ଏହି କର୍ମଚାରୀମାନଙ୍କୁ ବିପଦମୁକ୍ତ କରିବା ପାଇଁ କେଉଁ ଜ୍ଞାନ କୌଶଳର ଆବଶ୍ୟକତା ରହିଛି ସେ ସମ୍ପର୍କରେ ତାଲିମ ଦେବାକୁ ଜିଲାରେ ପ୍ରଥମ ଥର କରି କଣ୍ଟେନର ମଧ୍ୟରେ ତାଲିମ ବ୍ୟବସ୍ଥା କରାଯାଇଛି। ଏହି କେନ୍ଦ୍ରକୁ ଟାଟା କମ୍ପାନୀର ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ ବୁଧବାର ଉଦ୍‌ଘାଟନ କରିଛନ୍ତି। କଣ୍ଟେନର ମଧ୍ୟରେ ୨୦ ଜଣ କର୍ମଚାରୀ ଚେୟାରେ ବସି ତାଲିମ ନେବା ସହ ତାଲିମଦାତାମାନେ ମଧ୍ୟ ବସିବାର ସୁବିଧା ରହିଛି। କଣ୍ଟେନର ମଧ୍ୟରେ ପରିଶ୍ରାଗାର ଓ ପାଇଖାନା, ପଙ୍ଖା, ଟିଭି, ପ୍ରଜେକ୍ଟର ଆଦିର ସୁବିଧା ରହିଛି।

# ୨ ମ୍ୟାଚରେ ଭୁବନେଶ୍ୱର, ହାଇଦ୍ରାବାଦ ବିଜୟୀ

## ମା' ବୁଢ଼ୀ ଠାକୁରାଣୀ ଓପନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ବୋରିଗୁମ୍ମା,୯।୧୧(ଡି.ଏନ.ଏ.)**

ବୋରିଗୁମ୍ମାସ୍ଥିତ ଷ୍ଟାଡିୟମଠାରେ ମା'ବୁଢ଼ୀ ଠାକୁରାଣୀ ଖଲାସୀ ସଂଘ ପକ୍ଷରୁ ଓପନ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀ, ସମ୍ମାନିତ ଅତିଥି ଭାବେ ବ୍ଲକ କଂଗ୍ରେସ ସଭାପତି ଅଶୋକ ଗନ୍ତାୟତ, ଆଇଆଇସି କ୍ଷୀରେଶ୍ୱର ସାହୁ, ସମାଜିକ କର୍ମୀ ଅଶୋକ ଭୂଇଁଆ, ପପୁ ପ୍ରଧାନ, ଡାନିଆଲ ବାଘ, ସୁବ୍ରତ ବାଘ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମାଁ ବୁଢ଼ୀ ଠାକୁରାଣୀ ଖଲାସୀ ସଂଘ ସଭାପତି ଲାଲୁ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଉପ ସଭାପତି ବାବୁଲା ନାଗ, ଆୟୋଜକ ଆପୁ ଖାନ, ସମ୍ପାଦକ ଲାଇବାନ କରିମ, କୋଷାଧ୍ୟକ୍ଷ କୈଳାସ କରିମ ଓ ସଂଘ ସଭ୍ୟମାନେ ପରିଚାଳନା କରିଥିଲେ। ବୁଧବାର ମ୍ୟାଚ ଭୁବନେଶ୍ୱର ଓ ବିଶାଖପାଟଣା ମଧ୍ୟରେ ହୋଇଥିଲା। ଏଥିରେ ଭୁବନେଶ୍ୱର ବିଜୟୀ ହୋଇଥିଲା। ଏକ ମ୍ୟାଚ ହାଇଦ୍ରାବାଦ ଓ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ଏଥିରେ ହାଇଦ୍ରାବାଦ ବିଜୟୀ ହୋଇଥିଲା। ବାଣିକ ସଂଘ ସଭାପତି ସୂର୍ଯ୍ୟ ଆଚରିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଗୁରୁତର ଡ୍ରାଇଭରଙ୍କ ମୃତ୍ୟୁ

**ଜୟପୁର, ୯।୧୦ (ନି.ପ୍ର.)**

ଭାରସାମ୍ୟ ହରାଇ ଓଲଟିଥିବା କୋଇଲା ବୋଝେଇ ଟ୍ରକ ଡ୍ରାଇଭରଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ହୋଇଛି । ସେ ହେଉଛନ୍ତି ରଞ୍ଜନ କୁମାର। ଗତ ୩ରେ ହୋଇଥିବା ଏହିଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଥିଲେ। ଜୟପୁର ଦେଇ ବୋରିଗୁମ୍ମା ଅଭିମୁଖେ ଯାଉଥିବା ଏହି ଟ୍ରକଟି ରଣ୍ଡାପାଲି ବ୍ରିଜଠାରେ ଭୋର ସମୟରେ ଓଲଟି ପଡିଥିଲା। ଖବର ପାଇ ଜୟପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଜଣକ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ତାଙ୍କ ଅବସ୍ଥା ଗୁରୁତର ହେବାରୁ ରାୟପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସମ୍ପୃକ୍ତ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

# ଭୋଟର ଆଇଡି, ଆଧାର ଲିଙ୍କରେ ନବରଙ୍ଗପୁର ରାଜ୍ୟରେ ପ୍ରଥମ

**ନବରଙ୍ଗପୁର,୯।୧୧(ବି.ପ୍ର.)**

ଭୋଟର ଆଇଡି, ଆଧାର ଲିଙ୍କରେ ନବରଙ୍ଗପୁର ଜିଲା ରାଜ୍ୟରେ ପ୍ରଥମ। ଜିଲାର ୯୪.୦୭ ପ୍ରତିଶତ ଭୋଟରଙ୍କ ଆଧାର ଲିଙ୍କ୍ ଇତି ମଧ୍ୟରେ ହୋଇସାରିଛି। ଆଉ ବଳକା ଭୋଟରଙ୍କ ଆଧାର ଲିଙ୍କ୍ ଶୀଘ୍ର ଶେଷ ହେବ ବୋଲି ଜିଲାପାଳ ଡ. କମଳ ଲୋଚନ ମିଶ୍ର ବୁଧବାର ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିବା ସମୟରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଭୋଟର ତାଲିକାରେ କାହାର ଆପତ୍ତି ଅଭିଯୋଗ ଥିଲେ ଡିସେମ୍ବର ୮ ତାରିଖ ମଧ୍ୟରେ ସଂଶୋଧନ କରିପାରିବେ। ଚୂଡ଼ାନ୍ତ ଭୋଟର ତାଲିକା ୨୦୨୩ ଜାନୁଆରୀ ୫ରେ ପ୍ରକାଶ ପାଇବ। ଭୋଟର ତାଲିକା ସତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରାଯାଇଛି। ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୯୬୭୩୭, ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୧୫୨୯୨, ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୩୪୭୮୬, ଡ଼ାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୩୬୪୬ ଜଣ ଭୋଟରଙ୍କ ସମେତ ଜିଲାରେ ମୋଟ ୮,୫୦,୪୬୧ଜଣ ଭୋଟର ରହିଛନ୍ତି। ଏଣିକି ଭୋଟର ସଂଶୋଧନ ତାଲିକା ବର୍ଷକୁ ୪ଥର ଏପ୍ରିଲ ୧, ଜୁଲାଇ ୧, ଅକ୍ଟୋବର ୧, ଜାନୁଆରୀ ୧ରେ ପ୍ରକାଶ ପାଇବ ବୋଲି ନିର୍ବାଚନ କମିଶନ ସ୍ଥିର କରିଥିବା ଜିଲାପାଳ ଡ. ମିଶ୍ର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



# ହଷ୍ଟେଲ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲେ ଛାତ୍ର

- ୫ଶହରୁ ଉର୍ଦ୍ଧ୍ୱ ଛାତ୍ର ୪ କି.ମି. ବାଟ ଚାଲି ଚାଲି ଆସିଥିଲେ
- ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ଦେଲେ ଜିଲାପାଳ
- ହଷ୍ଟେଲରେ ଏବେ ରହୁଛନ୍ତି ୬ଶହରୁ ଉର୍ଦ୍ଧ୍ୱ ଛାତ୍ର

**କୋରାପୁଟ,୯।୧୧(ସ୍ୱ.ପ୍ର.)**

କୋରାପୁଟ ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟର ହଷ୍ଟେଲରେ ପାନୀୟଜଳ ଓ ପରିମଳ ସମସ୍ୟା ଉତ୍କଟ ହୋଇଛି। ଏନେଇ ବୁଧବାର ଶତାଧିକ ଛାତ୍ର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ମହାବିଦ୍ୟାଳୟରେ ଦୀର୍ଘଦିନ ଧରି ପାନୀୟଜଳ ସଙ୍କଟ ସାଙ୍ଗକୁ ପରିମଳ ସମସ୍ୟା ଲାଗି ରହିଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ସମସ୍ୟା ସମାଧାନ ହୋଇନାହିଁ। ଫଳରେ ହଷ୍ଟେଲରେ ଥିବା ୫ଶହରୁ ଉର୍ଦ୍ଧ୍ୱ ଛାତ୍ର ୪ କିମି ବାଟ ଚାଲି ଚାଲି ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କୁ ଭେଟି ସେମାନଙ୍କ ସମସ୍ୟା ଜଣାଇଥିଲେ। ଛାତ୍ରମାନଙ୍କ ସମସ୍ୟା ଶୁଣି ଜିଲାପାଳ ଅବଦଲ ଏମ. ଅଖତର ଏଦିଗରେ ପଦକ୍ଷେପ ନେବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, କୋରାପୁଟ ସରକାରୀ ମହାବିଦ୍ୟାଳୟ ହଷ୍ଟେଲରେ ଏବେ ୬ଶହରୁ ଉର୍ଦ୍ଧ୍ୱ ଛାତ୍ର ରହୁଛନ୍ତି। ସେମାନଙ୍କ ପାଇଁ ହଷ୍ଟେଲରେ ଆବଶ୍ୟକୀୟ ସୁବିଧା ନାହିଁ। ଫଳରେ ସେମାନେ ବହୁ ଅସୁବିଧା ସମ୍ମୁଖୀନ ହେଉଥିବା ଛାତ୍ର ଗୋପୀନାଥ ନାୟକ, ପଙ୍କଜ ନାୟକ, ଚନ୍ଦ୍ର ଜାନି, କ୍ଷେତ୍ରବାସୀ ପୁଜାରି, ବଳଭଦ୍ର ବାଘ, ପୃଥିବୀ ଖରା, ମନୁ ମାଝି, ଅମିତ ଖରା କହିଛନ୍ତି। ସେହିପରି ଖାଦ୍ୟ ପାଇଁ ମାସକୁ ୧୭୮୦ ଟଙ୍କା ହଷ୍ଟେଲ ଅନ୍ତେବାସୀ ଦେଉଥିବାବେଳେ ସେମାନଙ୍କୁ ଠିକ ରୂପେ ଖାଦ୍ୟ ମିଳୁ ନ ଥିବା ଛାତ୍ର ନବୀନ ମାଝି, ଅଭିଯୋଗ କରିଛନ୍ତି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଛାତ୍ରମାନେ।

## ସଂକ୍ଷେପରେ

### ୭ ବାଇକ୍ ଜବତ, ୨ ଗିରଫ



ମାଲକାନଗିରି,୯।୧୧ (ଡି.ଏନ୍.ଏ.): ମାଲକାନଗିରି ଆଦର୍ଶ ଥାନା ପକ୍ଷରୁ ବୁଧବାର ୭ଟି ଚୋରା ବାଇକ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖଇରପୁଟ ଥାନା ଅନ୍ତର୍ଗତ କଦମଗୁଡା ଗ୍ରାମର କାର୍ତ୍ତିକ ସଗରିଆ ଓ କେନ୍ଦୁଗୁଡା ଗ୍ରାମର ବିଦେଶୀ ସଗରିଆ। ମାଲକାନଗିରି, ଓର୍କେଲ ଓ ମାଥିଲି ଅଞ୍ଚଳରେ ବାଇକ ଚୋରି ହୋଇଥିବା ନେଇ ରୁଜୁ ମାମଲାକୁ ଆଧାର କରି ପୋଲିସ ତଦନ୍ତ କରି ଉଭୟଙ୍କୁ ଗିରଫ କରିଥିବା ଜଣାପଡିଛି। କେସ୍ ନଂ. ୭୫/୨୨ରେ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଗତ କିଛି ମାସ ହେଲା ମାଲକାନଗିରି ଜିଲାର ଓର୍କେଲ ଓ ମାଥିଲି ଥାନା ଅଞ୍ଚଳରୁ ବହୁ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଗତ ୧ ତାରିଖରେ ମାଲକାନଗିରି ପୋଲିସ ଜଣେ ବାଇକ ଚୋରକୁ ଗିରଫ କରିବା ସହ ସେ ଚୋରି କରିଥିବା ୩ଟି ବାଇକ ଜବତ କରି ଏହାକୁ ସମ୍ପୃକ୍ତ ମାଲିକମାନଙ୍କୁ ହସ୍ତାନ୍ତର କରିଥିଲା। ବୁଧବାର ପୁଣି ଧରପଗଡ କରି ପୋଲିସ ୭ଟି ଚୋରା ବାଇକ ଜବତ କରିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି।

### ୧୨ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଜୟପୁର,୯।୧୧ (ନି.ପ୍ର.): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ପରାମର୍ଶକ୍ରମେ ଆସନ୍ତା ୧୨ତାରିଖରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। କୋରାପୁଟ-ଜୟପୁର ସମେତ କୋଟପାଡ, ବୋରିଗୁମ୍ମା, ସେମିଳିଗୁଡ଼ା, ଦଶମନ୍ତପୁର ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ଏହି ଲୋକ ଅଦାଲତ ହେବ। ଏହି ଅଦାଲତରେ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଯଥା ଦେୱାନି, ଫୌଜଦାରି, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ , ବିଦ୍ୟୁତ୍ ଓ ଜଳ ଯୋଗାଣ , ପାରିବାରିକ, ଶ୍ରମ ଓ ନିଯୁକ୍ତି ବିବାଦ , ଚେକ୍ ବାଉନ୍ସ ସମ୍ପର୍କିତ ମାମଲାର ଆପୋସ ସହମତିରେ ସମାଧାନ କରାଯିବ ବୋଲି ଜଣାପଡ଼ିଛି।

### ଟିପିଏସ୍‌ଓଡିଏଲ୍‌ର ସୁରକ୍ଷା ତାଲିମ ବିକାଶକେନ୍ଦ୍ର ଉଦ୍‌ଘାଟିତ

ଜୟପୁର,୯।୧୧ (ନି.ପ୍ର.): ଜୟପୁର ପାୱାର ହାଉସ ଛକଠାରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ କର୍ମଚାରୀମାନଙ୍କ ସୁରକ୍ଷା ଏବଂ ଦକ୍ଷତା ବିକାଶ ପାଇଁ ଏକ ସୁରକ୍ଷା ତାଲିମ ଓ ଦକ୍ଷତା ବିକାଶ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦସିଂ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରିଥିଲେ। ବୈଦ୍ୟୁତିକ ସୁରକ୍ଷା ଉପକରଣର ଠିକ୍ ବ୍ୟବହାର, ପରିଚାଳନା ଏବଂ ବୈଦ୍ୟୁତିକ ଦୁର୍ଘଟଣା ମୁକ୍ତ ପରିବେଶ ସୃଷ୍ଟି ନେଇ ସେ ଗୁରୁତ୍ୱାରୋପ କରିଥିଲେ। ଏ ଦିଗରେ କର୍ମଚାରୀଙ୍କୁ ତାଲିମ କେନ୍ଦ୍ରରେ ତାଲିମ ପ୍ରଦାନ କରାଯିବ ବୋଲି କହିଥିଲେ। କେବଳ ଜୟପୁର ନୁହେଁ, ଟିପିଏସ୍‌ଓଡିଏଲ୍ ଅଧୀନରେ ଥିବା ୧୯ଟି ଡିଭିଜନରେ ସୁରକ୍ଷା ତାଲିମ ଓ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏଚ୍‌ଓଜି(ସୁରକ୍ଷା) ପ୍ରମୋଦ ବେହେରାଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡିଜିଏମ୍ ଜୟପୁର ମଣ୍ଡଳ ମନ୍ମଥନାଥ ମିଶ୍ର, ନିର୍ବାହୀଯନ୍ତ୍ରୀ ବରୁଣ ଚୌଧୁରୀ, ଜିଆର୍‌ଏଫ୍‌ର ସଭାପତି ତପନ ରଶ୍ମି ସୁବୁଦ୍ଧି, ପରିମଲ ପାଲ, ବିଶ୍ୱଜିତ୍ ମେଣ୍ଡୁଲି, ଅମିୟ ଗିରି, ଦିବ୍ୟଜ୍ୟୋତି ମହାପାତ୍ର, ପ୍ରମିତ ଦାସ, ସୁଶୀଲ ନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଯୁବକଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

ସୋରଡା,୯।୧୧(ଡି.ଏନ୍.ଏ.): ଋଷିକୁଲ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଯୋଗ ଶିକ୍ଷାରେ ଜାତୀୟ ସ୍ତରରେ ପୁରସ୍କାରପ୍ରାପ୍ତ ଆମର କୁମାର ନାୟକ (୩୦)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ପରିବାର ସମ୍ପର୍କୀୟମାନେ ଆମରଙ୍କୁ ଅଚେତ ଅବସ୍ଥାରେ ସୋରଡ଼ା ଡାକ୍ତରଖାନା ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆମର ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜମି ଅକ୍ତିଆରକୁ ନେଇ ଲୋକଙ୍କୁ ବିକ୍ରି ଅଭିଯୋଗ

ସୁନାବେଡା/ସେମିଳିଗୁଡା,୯।୧୧ ( ସ୍ୱ.ପ୍ର.)

**ସରକାରୀ ଜାଗା ଜବରଖଲ କରି ହେଉଛି ଗୃହନିର୍ମାଣ**



ସରକାରୀ ଜାଗାକୁ ଜବରଦଖଲ କରି ନିର୍ମାଣାଧୀନ ଥିବା ଏକ ଗୃହ।

ସୁନାବେଡା ଓ ସେମିଳିଗୁଡା ଅଞ୍ଚଳରେ ଦିନକୁ ଦିନ ବଢିଚାଲିଛି ସରକାରୀ ଜମି ଜବର ଦଖଲ । ସୁନାବେଡା ଓ ସେମିଳିଗୁଡା ଅଞ୍ଚଳରେ ଗତ କିଛି ବର୍ଷ ମଧ୍ୟରେ ଯେଉଁ ସବୁ ସରକାରୀ ଅଞ୍ଚଳ ଖାଲି ପଡିଥିଲା ଏବେ ସେହି ଜାଗାରେ ପକ୍କାଘର ନିର୍ମାଣ ହେଉଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ବେଆଇନ ଜବରଦଖଲକୁ ଉଚ୍ଛେଦ କରାଯାଉଥିଲେ ମଧ୍ୟ ସେଥିପ୍ରତି ଭୃକ୍ଷେପ କରୁନାହାନ୍ତି ଲୋକେ। ଗତ କିଛିଦିନ ପୂର୍ବରୁ ସୁନାବେଡା ପୌରପରିଷଦ ଅନ୍ତର୍ଗତ ୪ନଂ ୱାର୍ଡ ଏଇଏଫ ମାର୍କେଟ ଅଞ୍ଚଳରେ ଥିବା ରାସ୍ତା ଓ ଗୃହନିର୍ମାଣ ବିଭାଗର ଖାଲି ଜାଗାକୁ କବଜା କରି ବେଆଇନ ଭାବେ ଘର ନିର୍ମାଣ କରାଯାଇଥିଲା । ଏବେ ପୁଣି ଅନୁରୂପ ଘଟଣା ନଜରକୁ ଆସିଛି। ସୁନାବେଡା ପୌର ପରିଷଦ ଅଧୀନରେ ଥିବା ୨ଟି ଜାଗା ୱାର୍ଡ ନଂ. ୫ ସୁନାବେଡା-୩ସ୍ଥିତ ହନୁମାନ ବଜାର ଓ ୧୮ ନମ୍ବର ୱାର୍ଡ ସେମିଳିଗୁଡା କଲେଜ ରୋଡ଼ସ୍ଥିତ ପାଣି ଟାଙ୍କିକୁ ଯିବା ରାସ୍ତାରେ ଥିବା ଏକ ସରକାରୀ ଜାଗାରେ ବେଆଇନ ଘର ନିର୍ମାଣ ହେଉଥିବା ଅଭିଯୋଗ ହେଉଛି। ଏଭଳି ସ୍ଥଳେ ସ୍ଥାନୀୟ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେତେକ ସରକାରୀ କର୍ମଚାରୀଙ୍କ ସହାୟତାରେ ଜମି ବେପାରିମାନେ ସରକାରୀ ଜମିଗୁଡିକୁ କାରସାଦି କରି ନିଜ ଅକ୍ତିଆରକୁ ନେଇ ପରେ ଏହାକୁ ଚଢା ଦରରେ ଲୋକଙ୍କୁ ବିକ୍ରି କରୁଛନ୍ତି। ଯେଉଁଥିରେ ବିଭାଗର କେତେକ କର୍ମଚାରୀଙ୍କ ହାତ ଥିବା ଅନୁମାନ କରାଯାଉଛି। ସେହିପରି ସୁନାବେଡା ଓ ସେମିଳିଗୁଡା ଅଞ୍ଚଳର ସୁନାବେଡା ହାଉସିଂ ବୋର୍ଡ କଲୋନୀ, ଗଞ୍ଜାମ କଲୋନୀ, ଡ଼ିପିକ୍ୟାମ୍ପ,ଏଇଏଫ ମାର୍କେଟ, ନେପାଳି ବନ୍ଧ, ସେମିଳିଗୁଡା କଲେଜରୋଡ଼, ମିନାରାଓ କ୍ୟାମ୍ପରୋଡ଼, ସନ୍ତୋଷୀ ମନ୍ଦିର ନିକଟ, ଡମଗଡ ଭଳି ଅଞ୍ଚଳରେ ବହୁ ସରକାରୀ ଜମି ରହିଥିବାରୁ ସେଗୁଡିକ ଉପରେ ଜମି ବେପାରୀଙ୍କ ଦୃଷ୍ଟି ରହିଥିବା ଚର୍ଚ୍ଚା ହେଉଛି। ଏସମ୍ପର୍କରେ ସେମିଳିଗୁଡା ତହସିଲଦାର ଜ୍ୟୋତିରାଣୀ ରଥଙ୍କୁ ପଚାରିବାରୁ ସେ କହିଲେ,ଖୁବ୍ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ।

# ଈଶ୍ୱର କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ନିର୍ବାଚତ

ଜୟପୁର, ୯।୧୧ (ନି.ପ୍ର.)



ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ସହ ନବ ନିର୍ବାଚିତ ସଭାପତି ଈଶ୍ୱର ପାଣିଗ୍ରାହୀ।

କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ । ଫଳରେ ଏନେଇ ପୂର୍ବରୁ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ହୋଇଛି। ଏଠାରେ ଥିବା ୧୫ଟି ନିର୍ଦ୍ଦେଶକ ପଦବୀରୁ ୧୪ଟି ବିଜେଡି ସମର୍ଥିତ ପ୍ରାର୍ଥୀ ନିର୍ଦ୍ଦେଶକ ରୂପେ ରହିଥିବା ବେଳେ ଗୋଟିଏରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ନିର୍ଦ୍ଦେଶକ ହୋଇଛନ୍ତି। ସଭାପତି ପଦ ଲାଗି ବିଜେଡିର ବହୁ ଆଶାୟୀ ରହିଥିଲେ ମଧ୍ୟ ଦଳୀୟ ନିଷ୍ପତିକ୍ରମେ ଭୁବନେଶ୍ୱରରୁ ଆସିଥିବା ବନ୍ଦ ଲଫାଫାରେ କୋରାପୁଟ ଜିଲା ବିଜେଡି ସଭାପତି ପ୍ରାର୍ଥୀ ରୂପେ ଈଶ୍ୱରଙ୍କ ନାମ ରହିଥିଲା। ଫଳରେ ଏକମାତ୍ର ପ୍ରାର୍ଥୀ ଭାବେ ସେ ନାମାଙ୍କନପତ୍ର ଦାଖଲ କରଥିଲେ। ତାଙ୍କର କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ଏ ସମ୍ପର୍କରେ ନିବାଚନ ଅଧିକାରୀ ତଥା ଜୟପୁର ଉପଜିଲାପାଳ ବେଦବର ପ୍ରଧାନ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ରୂପେ ଈଶ୍ୱର ପାଣିଗ୍ରହୀ ନିର୍ବାଚିତ ହୋଇଥିବା ସୂଚନା ଦେଇଥିଲେ। ଏହି ଅବସରରେ ସଭାପତି ପାଣିଗ୍ରାହୀ କହିଛନ୍ତି, ସେ ସର୍ବଦା ଚାଷୀଙ୍କ ସ୍ୱାର୍ଥରକ୍ଷା ଦିଗରେ କାର୍ଯ୍ୟ କରିବେ। ପୂର୍ବରୁ ସେ ବିହନ ନିଗମର ଅଧକ୍ଷ ଥିଲେ। ସେହି ଅଭିଜ୍ଞତାକୁ ସେ କାର୍ଯ୍ୟରେ ଲଗାଇବେ। ପାଣିଗ୍ରାହୀଙ୍କ ସହ ନବରଙ୍ଗପୁର ଏମ୍‌ପି ରମେଶ ମାଝୀ, କୋରାପୁଟ ବିଧାୟକ ରଘୁରାମ ପାଡାଲ, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ପଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବିଜେଡି ରାୟଗଡା ସଭାପତି ସୁଧୀର ଦାସ, ସୂର୍ଯ୍ୟ ନାରାୟଣ ରଥ, ରମାକାନ୍ତ ରାଉଳ, ଇନ୍ଦିରା ନନ୍ଦ, ଅନୁପ ପାତ୍ର, ପ୍ରଦୀପ ମାଝୀ, କୁନି ଅଧିକାରି, ହିମାଂଶୁ ମହାପାତ୍ର, ଶିଳ୍ପା ପାଣିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଚୁକ୍ତିଭିତ୍ତିକ ଚାକିରି ପାଇଁ ଲାଞ୍ଚ ମାଗିବାର ଓଡିଓ ଟେପ୍ ଭାଇରାଲ

ବେସରକାରୀ ସଂସ୍ଥାକୁ ହାତବାରିସି କରି ଲାଞ୍ଚ

ମାଲକାନଗିରି,୯।୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ବେସରକାରୀ ସଂସ୍ଥାକୁ ହାତବାରିସି କରି ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ ନେବା ଘଟଣାର ନୂଆ ଦିଗ ଦେଖିବାକୁ ମିଳିଛି। ଏନେଇ ହୋଇଥିବା ଅଭିଯୋଗର ଅଡିଓ ଟେପ ଭାଇରାଲ ହୋଇଛି। ଏଥିରେ ଜଣେ ଫାର୍ମାସିଷ୍ଟ ଓ ଜଣେ କ୍ଲାର୍କ ବିଭିନ୍ନ ଆଶାୟୀ ଯୁବତୀଯୁବକଙ୍କୁ ଚାକିରି ପାଇଁ ଟଙ୍କା ମାଗୁଥିବା ସ୍ପଷ୍ଟ ହୋଇଛି। ଏହା ଜଣାପଡିବା ପରେ ଜିଲାପାଳ ଏହାର ତଦନ୍ତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲର ରେକର୍ଡ ଆସିଷ୍ଟାଣ୍ଟ ପଦବୀ ଲାଗି କୌଣସି ବିଜ୍ଞାପନ ପ୍ରକାଶ ପାଇ ନ ଥିବାବେଳେ ୯ ଜଣ ମେଡିକାଲ ଆସିଷ୍ଟାଣ୍ଟଙ୍କୁ ଲାଞ୍ଚ ନେଇ ନିଯୁକ୍ତି ପ୍ରଦାନ କରାଯାଇଥିବା ଜଣାପଡିଛି। ଏଦିଗରେ ୪୬ ଲକ୍ଷ ଟଙ୍କାର ଲାଞ୍ଚ କାରବାର ହୋଇଥିବା ନେଇ ହୋଇଥିବା ଅଭିଯୋଗର ସତ୍ୟାସତ୍ୟ ତଦନ୍ତ ପରେ ଲୋକଲୋଚନକୁ ଆସିବ ବୋଲି କୁହାଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
rgdselfie@gmail.com



@ ଝରଣା



@ ନୀଳମଣି

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସବ୍ ଜୁନିୟର କରାଟେ ପ୍ରତିଯୋଗିତା





ସବ୍ ଜୁନିୟର ଷ୍ଟେଟ୍ କରାଟେ ଚାମ୍ପିୟନଶିପ ଲାଗି ମନୋନୀତ କରାଟେକାମାନେ।

ସୁନାବେଡ଼ା/ ସେମିଳିଗୁଡ଼ା, ୯।୧୧( ସ୍ୱ.ପ୍ର.)

**ସେମିଳିଗୁଡ଼ାରୁ ୧୫ କରାଟେକା**

ଚଳିତ ମାସ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ୩୪ତମ ସବ୍ ଜୁନିୟର ଷ୍ଟେଟ୍ କରାଟେ ଚାମ୍ପିୟନଶିପ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସେମିଳିଗୁଡ଼ାର ଉତ୍କଳ କରାଟେ ସ୍କୁଲରୁ ୧୫ ଜଣ କରାଟେକା ଅଂଶ ଗ୍ରହଣ କରିବେ। ସେମାନେ ହେଲେ ରୁଦ୍ରାଂଶୁ ସାମଲ, ଆକାଂକ୍ଷା ମହାନ୍ତି, ଅନୋଲ ସାଧୁକା, ଅଙ୍କିତ ଖରା, ଏଞ୍ଜେଲ ଅଭିଷିକ୍ତା ମିନିକା, ଶିବାପ୍ରୀତ ଚନ୍ଦନ ସ୍ୱାଇଁ, କେ. ଭେଙ୍କଟ ସ୍ୱାତିକ୍, ଡାନିଏଲ ଜାନି, ହର୍ଷଦ କୁମାର, ତୃପ୍ତିରାଣୀ ମହାନ୍ତି, ଶ୍ରୁତିଶିଖା ସାହୁ, ତପସ୍ୱିନୀ ନାୟକ, ନନ୍ଦିନୀ ନାୟାର, ରୋହନ ଦୁରିଆ ଓ ଅଂଶୁମାନ ମହାପାତ୍ର। କୋଚ ରାଜେନ୍ଦ୍ର କେଶରୀ ସାମଲଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର ଯିବେ। ମନୋଜ ପଟ୍ଟନାୟକ, ଉପଦେଷ୍ଟା ଭଗବାନ ଦୋରା କରାଟେକାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

### ଭେଜିପୁଟରେ କାର୍ତ୍ତିକେଶ୍ୱର ପୂଜା

ଭଞ୍ଜନଗର,୯।୧୧(ଡି.ଏନ.ଏ.)

ଭଞ୍ଜନଗର ସ୍ଥିତ ଭେଜିପୁଟ ବଡ଼ଦାଣ୍ଡରେ ପ୍ରଥମ ଥର ପାଇଁ କାର୍ତ୍ତିକେଶ୍ୱର ପୂଜା ଗତ ୪ତାରିଖରୁ ଆରମ୍ଭ ହୋଇଛି। ଆସନ୍ତା ୧୧ ତାରିଖରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ପୂଜାର ପ୍ରଥମ ଦିବସରେ କର୍ତ୍ତା ଭାବେ ମନୁ ବେହେରା ଉପସ୍ଥିତ ରହି ଦାୟିତ୍ୱ ସମ୍ପାଦନ କରିଥିଲେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ପୂଜା ଅନୁଷ୍ଠିତ ହେଉଥିବାରୁ ପ୍ରତିଦିନ ଏଠାରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏଥି ସହିତ ପୂଜା ଅବସରରେ ୧୦୮ ଦୀପ ଆଳତି ଅନୁଷ୍ଠିତ ହୋଇଛି। ପୂଜା କମିଟିର ସମସ୍ତ ସଦସ୍ୟ ଓ ସାହି ବାସିନ୍ଦା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରୁଛନ୍ତି।

# ଚିଠା ଭୋଟର ତାଲିକା ପ୍ରକାଶିତ



ଅଧିକାରୀମାନେ ପ୍ରକାଶିତ ଭୋଟର ଚିଠା ତାଲିକା ଦେଖାଉଛନ୍ତି।

ଜୟପୁର, ୯।୧୧ (ନି.ପ୍ର.)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଚିଠା ଭୋଟର ତାଲିକା ପ୍ରକାଶିତ ହୋଇଛି। ଜୟପୁର ଓ କୋଟପାଡ ନିର୍ବାଚନ ମଣ୍ଡଳୀର ତାଲିକା ପ୍ରକାଶିତ ହୋଇଛି। ଏଥିରେ ୯।୧୧।୨୦୨୨ରୁ ୮।୧୨।୨୨ ତାରିଖ ଯାଏ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ସମୟ ମଧ୍ୟରେ ଜଣେ ଭୋଟର ପଞ୍ଜୀକରଣ ପାଇଁ ଆଗୁଆ ଆବେଦନ କରିପାରିବେ । ଏଥିସହ ସେ ଭୋଟର ତାଲିକାରେ ନିଜ ସମ୍ପର୍କରେ ଥିବା ତଥ୍ୟର ସଂଶୋଧନ ମଧ୍ୟ କରିପାରିବେ। ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିପାରିବେ। ଜୟପୁର ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୭୨ ହଜାର ୩୮ ଜଣ ଭୋଟର ରହିଥିବା ବେଳେ କୋଟପାଡ ନିବାଚନ ମଣ୍ଡଳୀରେ ୨ ଲକ୍ଷ ୧ ହଜାର ୮୩୨ ଜଣ ଭୋଟର ରହିଛନ୍ତି । ଆଜିର ଏହି ଚିଠା ପ୍ରକାଶ ସମୟରେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ସ୍ନିଗ୍ଧାରାଣୀ ପଲେଇ, କମଳାକାନ୍ତ ରଥ, ଅଶ୍ୱିନୀ ପ୍ରଧାନ, କିରଣ ମହାରଣା, ମନୋଜ ପାଳ, କୁମୁଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର

ଜୟପୁର,୯।୧୧(ନି.ପ୍ର.)





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜିଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ପକ୍ଷରୁ ରଣ୍ଡାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏକ ଆଇନ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ପରାମର୍ଶକ୍ରମେ ନ୍ୟାୟିକ ପ୍ରକ୍ରିୟା ଓ ଆଇନ ସେବାର କାର୍ଯ୍ୟକାରିତା ଓ ସଫଳତା ସମ୍ପର୍କିତ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ସ୍ୱତନ୍ତ୍ର ସରକାରୀ ଓକିଲ ଡା. ବି. ଗାୟିତ୍ରୀ ଦେବୀ, ପ୍ୟାନେଲ ଓକିଲ କେ.ଦିବାକର ରାଓ, ହରିଶ ମୁଦୁଲି, ଜିଲା ପରିଷଦ ସଭ୍ୟା ରଶ୍ମି ରଥ, ପାରା ଲିଗାଲ ସ୍ୱେଚ୍ଛାସେବୀ ସୋମନାଥ ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଦୁଃଖୀ, ସମିତିସଭ୍ୟା ସୁଶାନ୍ତି ମାଦଳା, ସରପଞ୍ଚ ଆନନ୍ଦା ହଲ୍‌ବା, ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଗ୍ରାମବାସୀ, ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଗ୍ରାମବାସୀଙ୍କୁ ସଚେତନ କରିଥିଲା। ପ୍ରଦର୍ଶନୀ ଷ୍ଟଲ ପରିଦର୍ଶନ କରି ପ୍ରାଧିକରଣ ସଚିବ ଜେନା ନ୍ୟାୟିକ ପ୍ରକ୍ରିୟା ଓ ଆଇନ ସେବାର କାର୍ଯ୍ୟକାରିତା ଓ ସଫଳତା ସମ୍ପର୍କରେ ସମସ୍ତଙ୍କ ବୁଝାଇଥିଲେ।

# ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ

ମାଲକାନଗିରି,୯।୧୧(ଡି.ଏନ୍.ଏ.)





ପ୍ରକାଶିତ ଭୋଟର ଚିଠା ତାଲିକାକୁ ଅଧିକାରୀମାନେ ପ୍ରଦର୍ଶନ କରୁଛନ୍ତି।

ମାଲକାନଗିରି ସଦର ମହକୁମା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଭୋଟର ଚିଠା ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶିତ ସଂକ୍ଷିପ୍ତ ଭୋଟର ତାଲିକା-୨୦୨୩ ଡ୍ରାଫ୍ଟକୁ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଉନ୍ମୋଚନ କରିଥିଲେ। ଏହି ଅବସରରେ ନାୟକ ଆଧାର ସଂଯୋଗୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ମାଲକାନଗିରି ଓ ଚିତ୍ରକୋଣ୍ଡା ଦୁଇଟି ନିର୍ବାଚନ ମଣ୍ଡଳୀର ୫୪୦ଟି ବୁଥର ଭୋଟର ତାଲିକ ପ୍ରକାଶ କରାଯାଇଛି। ଭୋଟର ତାଲିକାରେ କୌଣସି ତ୍ରୁଟି ଥିଲେ ଜନସାଧାରଣ ନିର୍ଦ୍ଧାରିତ ଫର୍ମରେ ନଭେମ୍ବର ୯ରୁ ଡିସେମ୍ବର ୮ ପର୍ଯ୍ୟନ୍ତ ଆବେଦନ କରି ସଂଶୋଧନ ପାରିବେ। ନିର୍ବାଚନ ଆୟୋଗଙ୍କ ଅନୁମତିକ୍ରମେ ଜାନୁଆରି ୫ ତାରିଖ ୨୦୨୩ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ସେହିପରି ଭୋଟର କାର୍ଡରେ ଆଧାର ନମ୍ବର ସଂଯୋଗ କରି ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତିରେ ସମସ୍ତଙ୍କୁ ସହଯୋଗ କରିବାକୁ ନାୟକ ପରାମର୍ଶ ଦେଇଥିଲେ। ଭୋଟର ତାଲିକା ସଂଶୋଧନ ସମୟ ମଧ୍ୟରେ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ କରାଯିବ। ଏହି ସ୍ୱତନ୍ତ୍ର ଅଭି ଯାନ ନଭେମ୍ବର ୧୨, ୧୩, ୨୬ ଓ ୨୭ ତାରିଖରେ ହେବ। ଏହି ୪ ଦିନ ସବୁ ବୁଥରେ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଭୋଟରମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସହ ଅନ୍ୟାନ୍ୟ ସମସ୍ତ ସୁବିଧା ଯୋଗାଇ ଦେବେ। ୧୭ ବର୍ଷରୁ ଊର୍ଦ୍ଧ୍ୱ ଭୋଟରମାନେ ଆଗୁଆ ଭାବେ ବର୍ଷର ଜାନୁଆରୀ ୧, ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖ ସୁଦ୍ଧା ପଞ୍ଜୀକରଣ ପାଇଁ ଆବେଦନ ପତ୍ର ଦାଖଲ କରିପାରିବେ। ଜନସାଧାରଣ ତାଲିକାରେ ନାମ ଯୋଗ ନିମନ୍ତେ ଫର୍ମ-୬, ତାଲିକାରୁ ନାମ ବାଦ କିମ୍ବା ଅଭିଯୋଗ କରିବା ଲାଗି ଫର୍ମ ୭ରେ ଆବେଦନ ଓ ତ୍ରୁଟି ସଂଶୋଧନ, ସ୍ଥାନାନ୍ତରଣ କିମ୍ବା ଫଟୋ ଲଗାଇବା ନିମନ୍ତେ ଫର୍ମ ୮ରେ ଆବେଦନ କରିପାରିବେ। ଅନଲାଇନ ମାଧମରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ମଧ୍ୟ ଭୋଟର କରିପାରିବେ।

ଏହି କାର୍ଯ୍ୟକ୍ରମରେ ସହାୟକ ଜିଲାପାଳ ଅଜୟ ମାଣ୍ଡାଙ୍ଗି, ବିଜେଡି ପକ୍ଷରୁ ଧନୁର୍ଜୟ ମାଡକାମି, ଭାଜପା ଜିଲା ସାଧାରଣ ସମ୍ପାଦକ ମାଣିକ ଚକ୍ରବର୍ତ୍ତୀ, କଂଗ୍ରେସ ପକ୍ଷରୁ ପ୍ରାଣକୃଷ୍ଣ ମଣ୍ଡଳ, ସିପିଆଇ (ଏମ୍) ପକ୍ଷରୁ ବ୍ରଜ ମାଝୀ ଏବଂ ଆମ୍ ଆଦମୀ ପାର୍ଟି ପକ୍ଷରୁ ପ୍ରସନ୍ନଜିତ ବିଶ୍ୱାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ପରିଚାଳନା କରିଥିଲେ।

